# NEWSPAPER PUBLICATIONS

# 'ଦେଶର ଗର୍ବ ମ୍ୟୁଜିୟମ ଅଫ୍ ଜଷ୍ଟିସ'






ମ୍ୟୁଜିୟମ ଅଫ୍ ଜଷ୍ଟିସ ଉଦ୍‌ଘାଟନୀ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

କଟକ ଅଫିସ,୨୫।୨

କଟକ ବାରବାଟୀ ଦୁର୍ଗ ପରିସରରେ ମ୍ୟୁଜିୟମ ଅଫ୍ ଜଷ୍ଟିସ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରି କହିଥିଲେ, ମ୍ୟୁଜିୟମ ଅଫ୍ ଜଷ୍ଟିସ୍ ଦେଶର ଗର୍ବ। ଏଥିସହ ସେ ନାଗରିକର ଅଧିକାର ଅକ୍ଷୁଣ୍ଣ ରହିବା ଉପରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ମ୍ୟୁଜିୟମ ଅଫ୍ ଜଷ୍ଟିସ ମାଧ୍ୟମରେ ଇତିହାସକୁ କେବଳ ସମ୍ମାନ ଦିଆଯାଇନାହିଁ ବରଂ ଇତିହାସ ସୃଷ୍ଟି କରାଯାଇଛି। ହାଇକୋର୍ଟ ଓ ଜିଲାକୋର୍ଟଗୁଡ଼ିକର ରେକର୍ଡ ରୁମ୍‌ରେ ଥିବା ଊନବିଂଶ ଶତାବ୍ଦୀ ପୂର୍ବର ପୁରୁଣା ରେକର୍ଡଗୁଡ଼ିକୁ ମ୍ୟୁଜିୟମ୍‌ରେ ସ୍ଥାନିତ କରାଯାଇଛି। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ପ୍ରସିଦ୍ଧ ବ୍ୟକ୍ତିତ୍ୱ ଓ ଘଟଣାବଳୀ ସମ୍ପର୍କିତ ବହୁ ଲୁକ୍କାୟିତ ରେକର୍ଡଗୁଡ଼ିକୁ ଏଠାରେ ସ୍ଥାନିତ କରାଯାଇ ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନକୁ ଉପସ୍ଥାପନା କରିବାର ପ୍ରୟାସ କରାଯାଇଛି। ଏହି ମ୍ୟୁଜିୟମ କେବଳ ଓଡ଼ିଶାର ନୁହେଁ, ସାରା ଦେଶର ନ୍ୟାୟିକ ବ୍ୟବସ୍ଥାର ପ୍ରତିଫଳନ। କାରଣ ଯେକୌଣସିଠାରେ ସଂଘଟିତ ଘଟଣାବଳୀର ଦର୍ପଣ ହେଉଛି ଓଡ଼ିଶା। ଏହି ମ୍ୟୁଜିୟମ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା ଆଦିର ପ୍ରମୁଖ ସ୍ଥଳ ପାଲଟିବ ବୋଲି ମୁଖ୍ୟ ବିଚାରପତି କହିଛନ୍ତି। ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଦେଇ କହିଥିଲେ, ନ୍ୟାୟିକ ବ୍ୟବସ୍ଥାର ଏକ ସମ୍ଭ୍ରାନ୍ତ ଐତିହ୍ୟ ରହିଛି। ମ୍ୟୁଜିୟମ ଅଫ୍ ଜଷ୍ଟିସରେ ପ୍ରାଚୀନ ସମୟରୁ ନ୍ୟାୟିକ ବ୍ୟବସ୍ଥାର ଉଜ୍ଜ୍ୱଳମୟ ଇତିହାସ ସ୍ଥାନିତ ହୋଇଛି। ଏହି ଅବସରରେ ମ୍ୟୁଜିୟମ୍‌ର ପ୍ରଥମ ପ୍ରକାଶନକୁ ଉନ୍ମୋଚନ କରାଯାଇଥିଲା। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଉଦ୍‌ଘାଟନ କଲେ ରାଜ୍ୟପାଳ

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜି.ବି. ପଟ୍ଟନାୟକ, ମ୍ୟୁଜିୟମର କନ୍‌ସଲଟେଟିଭ କମିଟି ସଦସ୍ୟ ବିଚାରପତି ଡ. ଏ. କେ. ମିଶ୍ର, ଡ. ନିବେଦିତା ମହାନ୍ତି, ଟ୍ରାଇବାଲ ମ୍ୟୁଜିୟମର ନିର୍ଦ୍ଦେଶକ ଏ. ବି. ଓତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମାନ୍ତ୍ରୀ, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ରଙ୍କ ସମେତ ହାଇକୋର୍ଟର କାର୍ଯ୍ୟରତ ବିଚାରପତି, ପୂର୍ବତନ ବିଚାରପତି, ଆଡ୍‌ଭୋକେଟ ଜେନେରାଲ, ବରିଷ୍ଠ ସରକାରୀ ପ୍ରଶାସକ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଲ' କଲେଜ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସମାରୋହ ଶେଷ ହେବାପରେ ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟମାନେ ମ୍ୟୁଜିୟମର ବିଭିନ୍ନ ଗ୍ୟାଲେରି ବୁଲି ଦେଖିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ମଧ୍ୟ ମ୍ୟୁଜିୟମ୍‌ର ବିଭିନ୍ନ ଗ୍ୟାଲେରି ବୁଲି ଦେଖିଥିଲେ। ଏଥିରେ ସ୍ଥାନିତ ହୋଇଥିବା ଜନଜାତି ନ୍ୟାୟ ବ୍ୟବସ୍ଥା, କୋର୍ଟ ରୁମ୍‌ର ପ୍ରତିକୃତି ଓ ବିଚାର ପ୍ରକ୍ରିୟାଗୁଡ଼ିକ ଅତ୍ୟନ୍ତ ଶିକ୍ଷଣୀୟ ଏବଂ ଆନନ୍ଦଦାୟକ ହୋଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।

**ଆକର୍ଷଣୀୟ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍**

# ସାଇତିଛି ବିଚାର ବ୍ୟବସ୍ଥାର ସ୍ମୃତି

କଟକ,୨୪।୨(ବ୍ୟୁରୋ): ଇଂରେଜ ବିରୁଦ୍ଧ ଲଢି ପ୍ରାଣବଳୀ ଦେଇଥିବା ସହିଦ୍ ଲକ୍ଷ୍ମଣ ନାୟକଙ୍କ ଫାଶୀ ସଂପର୍କିତ ରାୟଠାରୁ ଆରମ୍ଭ କରି ବ୍ରିଟିସ୍ ଅମଳର ଘଟଣା, ପୁରୁଣା କାଲ୍‌କୁଲେଟର, ପୁରୁଣା ଟାଇପ୍ ରାଇଟର୍ ପର୍ଯ୍ୟନ୍ତ ବିଚାର ବ୍ୟବସ୍ଥାର ଅନେକ ସ୍ମୃତିକୁ ଦେଖିବାକୁ ମିଳିବ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍‌ରେ। ବାରବାଟୀ ଦୁର୍ଗ ପରିସରରେ ଥିବା ଏହି ମ୍ୟୁଜିୟମ୍‌ରେ କେବଳ ହାଇକୋର୍ଟ ନୁହେଁ କୋରାପୁଟ ଅଦାଲତଙ୍କଠାରୁ ଆରମ୍ଭ କରି ବାରିପଦା, ବଲାଙ୍ଗୀର, ଗଞ୍ଜାମ ଆଦି ବିଭିନ୍ନ ଜିଲ୍ଲା ଅଦାଲତରେ ବ୍ୟବହୃତ ପୁରୁଣା ସାମଗ୍ରୀ ମଧ୍ୟ ସ୍ଥାନ ପାଇଛି। ଏହି ସବୁ ସାମଗ୍ରୀ ମ୍ୟୁଜିୟମ୍‌କୁ ବେଶ୍ ଆକର୍ଷଣୀୟ କରିଛି। ମ୍ୟୁଜିୟମ୍‌ରେ ରହିଛି ଏମିତି ଏକ କାଲୁକେଲଟର ଯାହାର ଗୋଟେ ପଟେ କି' ବୋର୍ଡ ଓ ଅନ୍ୟପଟେ ଡିସ୍‌ପ୍ଲେ ବୋର୍ଡ଼ ବଦଳରେ ଅଛି କାଗଜ ପ୍ରିଣ୍ଟର। ସେଥିରେ ବୋଧହୁଏ ହିସାବ ଦେଖାଉଥିଲା। ସେହିପରି କୋରାପୁଟ ଅଦାଲତରେ ସେତେବେଳେ ବ୍ୟବହୃତ ହେଉଥିବା ଏକ ପୁରୁଣା ଟାଇପ୍ ରାଇଟର୍ ବି' ରହିଛି। ପୁଣି ରହିଛି ପିତ୍ତଳ ଷ୍ଟାମ୍ପ, ବ୍ୟାଜ୍ ଭଳି ସାମଗ୍ରୀ। ଏହା ବାଦ୍ ମାମଲା ପରିଚାଳନାର ବିଭିନ୍ନ ଦୃଶ୍ୟକୁ ମଧ୍ୟ ମ୍ୟୁଜିୟମ୍‌ରେ ସ୍ଥାନ ଦିଆଯାଇଛି।

ବାରବାଟୀ ଦୁର୍ଗ ପରିସରରେ ପୂର୍ବରୁ ଥିବା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାସଗୃହକୁ ମ୍ୟୁଜିୟମ୍‌ରେ ପରିଣତ କରାଯାଇଛି। କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ମୁଖ୍ୟ ବିଚାରପତିଙ୍କ ନୂତନ ବାସଗୃହ ନିର୍ମାଣ ପରେ ଏହା ଖାଲିପଡିଥିଲା। ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ମ୍ୟୁଜିୟମ୍‌ରେ ପରିବର୍ତ୍ତିତ କରାଯାଇଛି। ଏଥିରେ ୭ଟି ଗ୍ୟାଲେରୀ ରହିଛି। ପ୍ରଥମ ଗ୍ୟାଲେରୀରେ ଓଡ଼ିଶା ବିଚାର ବ୍ୟବସ୍ଥାର ଇତିହାସର ଚିତ୍ର ସ୍ଥାନ ପାଇଛି। ରାଜାରାଜୁଡ଼ାଙ୍କ ସମୟରୁ କିପରି ନ୍ୟାୟ ବ୍ୟବସ୍ଥା ଥିଲା, ମୋଗଲଙ୍କଠାରୁ ଆରମ୍ଭ କରି ସ୍ୱାଧୀନତା ପୂର୍ବ ଇଂରେଜ ଶାସନ ସମୟର ବିଚାର ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଗ୍ୟାଲେରୀ-୨ରେ ୧୮୦୪ରୁ ୧୯୪୭ ମସିହା ମଧ୍ୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ହୋଇଥିବା ବିଚାର, ଦଣ୍ଡାଦେଶର ରେକର୍ଡ଼ ଆଦି ସ୍ଥାନିତ ହୋଇଛି। ସହିଦ ଲକ୍ଷ୍ମଣ ନାୟକଙ୍କୁ ତଳକୋର୍ଟରୁ ମୃତ୍ୟୁ ଦଣ୍ଡାଦେଶ ଦିଆଯିବା ପରେ ପାଟନା ହାଇକୋର୍ଟରେ ଏହା ଉପରେ ବିଚାର କରାଯିବାର ଅର୍ଡର ମଧ୍ୟ ଏଠାରେ ରହିଛି। ଗ୍ୟାଲେରୀ ନମ୍ବର-୩ରେ ଆଦିବାସୀମାନଙ୍କର ନ୍ୟାୟ ବ୍ୟବସ୍ଥା କିପରି ଥିଲା ତାହାର ଏକ ପ୍ରତିଛବି ରହିଛି। ଚତୁର୍ଥ ନମ୍ବର ଗ୍ୟାଲେରୀରେ ୧୮୦୮ ରୁ ୨୦୧୩ ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାୟ ଏବଂ ବିଭିନ୍ନ ନ୍ୟୁଜ୍‌କୁ ସ୍ଥାନିତ କରାଯାଇଛି। ଗ୍ୟାଲେରୀ ନମ୍ବର ୫ରେ ପୁରୁଣା କୋର୍ଟରେ ଥିବା ବିଭିନ୍ନ ସାମଗ୍ରୀକୁ ରଖାଯାଇଛି। ଯେମିତିକି ବ୍ରିଟିସ୍ ସମୟରେ ବିଭିନ୍ନ କୋର୍ଟରେ ଲାଗିଥିବା ଘଡ଼ି, କାଲୁକେଲଟର, ଟାଇପ୍ ରାଇଟର ଅନ୍ୟାନ୍ୟ ସାମଗ୍ରୀ ରହିଛି। ୬ନମ୍ବର ଗ୍ୟାଲେରୀରେ ଓଡ଼ିଶା ଆଇନ ଶିକ୍ଷାରେ ଯେଉଁ ପରିବର୍ତ୍ତନ ଘଟିଛି ଏବଂ ସ୍ୱାଧୀନତା ପୂର୍ବ ସମୟର ବରିଷ୍ଠ ଆଇନଜୀବୀଙ୍କ ଫଟୋ ସ୍ଥାନିତ ହୋଇଛି। ୭ ନମ୍ବର ଗ୍ୟାଲେରୀରେ କୋର୍ଟ ଏକ ଅବିକଳ ପ୍ରତିଛବି ସମ୍ବଳିତ କୋର୍ଟ ବା ମକ୍ କୋର୍ଟ ରୁମ୍ ରହିଛି।



■ ବିଚାରପତିଙ୍କ ମୁଣ୍ଡ ଉପରେ ସେ ସମୟର ପଙ୍ଖା..




■ ସହିଦ୍ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦଣ୍ଡାଦେଶ ଉପରେ ବିଚାର

**● ସ୍ଥାନ ପାଇଛି ଅନେକ ପୁରୁଣା ସାମଗ୍ରୀ**

**● ସହିଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ସଂକ୍ରାନ୍ତ ରାୟ**



ସେ ସମୟର ଘଣ୍ଟା..



■ ମ୍ୟୁଜିୟମ୍‌ରେ ଓଡ଼ିଶା ହାଇକୋର୍ଟର ପ୍ରତିକୃତି..



■ ମକ୍ କୋର୍ଟ ରୁମ୍..



■ ସଂଗୃହୀତ ଟାଇପ୍ରାଇଟର, କାଲ୍‌କୁଲେଟର୍ ଏବଂ ବିଭିନ୍ନ ପୋଷାକ..

‘ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍’ ଉଦ୍‌ଘାଟିତ

# ଭବିଷ୍ୟତ ବଂଶଧରଙ୍କୁ ସମୃଦ୍ଧ କରିବ: ରାଜ୍ୟପାଳ

କଟକ,୨୫।୭(ବ୍ୟୁରୋ): ଓଡ଼ିଶା ହାଇକୋର୍ଟ ଦ୍ୱାରା ନିର୍ମିତ ‘ମ୍ୟୁଜିୟମ୍ ଅଫ ଜଷ୍ଟିସ୍’ ସମଗ୍ର ଦେଶ ପାଇଁ ଗୌରବ। ଆମ ବିଚାର ବ୍ୟବସ୍ଥାର ଇତିହାସ କଥା କହିବ ଏହି ମ୍ୟୁଜିୟମ୍। ରାଜା ରାଜୁଡ଼ାଙ୍କ ସମୟଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ମଧ୍ୟରେ ବିଚାର ବ୍ୟବସ୍ଥାରେ କିପରି ପରିବର୍ତ୍ତନ ଘଟିଛି ତାହା ମଧ୍ୟ ଏଠାରୁ ଜାଣିହେବ। ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ବାସ୍ତବରେ ଭବିଷ୍ୟତ ବଂଶଧରଙ୍କୁ ସମୃଦ୍ଧ କରିବ। -ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଭଳି ମତବ୍ୟକ୍ତ କରିଛନ୍ତି।

ବାରବାଟୀ ଦୁର୍ଗ ପରିସରରେ ନିର୍ମିତ ଏହି ମ୍ୟୁଜିୟମ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର କହିଲେ, ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ଜରିଆରେ କେବଳ ଇତିହାସକୁ ମନେ ପକାଯାଉନାହିଁ ବରଂ ଇତିହାସ ସୃଷ୍ଟି କରାଯାଉଛି। ଓଡ଼ିଶା ହାଇକୋର୍ଟ ଏବଂ ବିଭିନ୍ନ ଜିଲ୍ଲା କୋର୍ଟର ପୁରୁଣା ରେକର୍ଡ ସଂରକ୍ଷିତ କରି ରଖିବାବେଳେ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ଯୋଜନାର ସୂତ୍ରପାତ ହୋଇଥିଲା। ଓଡ଼ିଶାର ଅନେକ କଥା ଓ କାହାଣୀ ରହିଛି। ସ୍ୱାଧୀନତା ସଂଗ୍ରାମୀଙ୍କ କଥା,

**ସମଗ୍ର ଦେଶର ନ୍ୟାୟ ବ୍ୟବସ୍ଥା କଥା କହିବ ମ୍ୟୁଜିୟମ୍: ମୁଖ୍ୟ ବିଚାରପତି**

ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ପୁରୁଣା ରେକର୍ଡରେ ଲୁଚି ରହିଛି। ସେହିସବୁ ଘଟଣାବଳୀକୁ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ କରିବା ଲାଗି ହାଇକୋର୍ଟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ମ୍ୟୁଜିୟମ୍



କେବଳ ଓଡ଼ିଶାର ନ୍ୟାୟ ବ୍ୟବସ୍ଥା ନୁହେଁ ସମଗ୍ର ଦେଶର ନ୍ୟାୟ ବ୍ୟବସ୍ଥାର କଥା କହିବ ବୋଲି ମୁଖ୍ୟ ବିଚାରପତି ପ୍ରକାଶ କରିଥିଲେ। ଏହି ମ୍ୟୁଜିୟମ୍‌ରୁ ଅନେକ କଥା ଜାଣିବାକୁ ମିଳିବ, ଗବେଷଣାରେ ଏହା ସାହାଯ୍ୟ କରିବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ମୁରଲୀଧର ଆଶାବ୍ୟକ୍ତ କରିବା ସହ ମ୍ୟୁଜିୟମ୍ ପ୍ରତିଷ୍ଠାରେ ଯେଉଁମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଦେଇଥିଲେ।

ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ସମ୍ପର୍କରେ ଏକ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଜି.ବି. ପଟ୍ଟନାୟକ, ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା, ମ୍ୟୁଜିୟମ୍ କନ୍‌ସଲ୍‌ଟେଟିଭ୍ କମିଟିର ସଦସ୍ୟ ଜଷ୍ଟିସ୍ ଏ.କେ. ମିଶ୍ର, ଐତିହାସିକ ଡ. ନିବେଦିତା ମହାନ୍ତି, ଆଦିବାସୀ ମ୍ୟୁଜିୟମ୍‌ର ନିର୍ଦ୍ଦେଶକ ଏ.ବି. ଓତା, ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଓଡ଼ିଆ ଭାଷା ଏବଂ ସଂସ୍କୃତି ଭାଗ ନିର୍ଦ୍ଦେଶକ ସୁଚିସ୍ମିତା ମଲ୍ଲା ଏବଂ ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।










# ସ୍ମୃତିର ଆଇନାରେ ଆଇନ

ମହାନ୍ ବିପ୍ଳବୀ ସହିଦ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦଣ୍ଡାଦେଶର ରେକର୍ଡଠାରୁ ଆରମ୍ଭ କରି ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର [illegible]ହୋଇରହିଛି। କୋର୍ଟରେ [illegible] ଫ୍ୟାନ୍‌ରୁ ଏସି [illegible] ତାମ୍ରଲିପିରୁ [illegible] ବ୍ୟବସ୍ଥା, ଇଂରେଜ [illegible], ବ୍ୟାଟ୍‌ଠାରୁ ଆରମ୍ଭ କରି ଟାଇପ୍ ରାଇଟର, ପୁରୁଣା କାଲକୁଲେଟର୍ ପର୍ଯ୍ୟନ୍ତ ଅନେକ କିଛି ସଜେଇ ହୋଇରହିଛି 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'ରେ। ବାରବାଟୀ କିଲ୍ଲା ପଡ଼ିଆରେ ୧୦ ହଜାରରୁ ଅଧିକ ବର୍ଗଫୁଟ୍ ଅଞ୍ଚଳରେ ନିର୍ମାଣ ହୋଇଥିବା 'ମ୍ୟୁଜିୟମ୍ ଅଫ ଜଷ୍ଟିସ୍'କୁ ଥରେ ବୁଲିଗଲେ ଆଖିରେ ନାଚିଯିବ ବିଚାର ବ୍ୟବସ୍ଥାର ପରିବର୍ତ୍ତନ ଓ ବିବର୍ତ୍ତନ। ଆଇନ୍ ଜଗତର ଅନେକ ସ୍ମୃତି ଉଜ୍ଜୀବିତ ହେବ ପରିଦର୍ଶକଙ୍କ ମନରେ। କେବଳ ସେତିକି ନୁହେଁ, ଦେଶରେ ରାଜରାଜୁଡ଼ା ଅମଳରୁ ଏପର୍ଯ୍ୟନ୍ତ ଦୁଇ ହଜାର ବର୍ଷର ବିଚାର ବ୍ୟବସ୍ଥାର ଏକ ଝଲକ ବି ଦେଖିବାକୁ ମିଳିବ। ସ୍ମୃତିର ଆଇନାରେ ଦେଖିହେବ ଆଇନର ଏକ ନିଆରା ସ୍ମୃତିଚିହ୍ନ। ବିଚାର ବ୍ୟବସ୍ଥା କେତେ ପଥ ଓ ବିପଥ ବଦଳାଇ ଚାଲିଛି ସେସବୁର କଥା କହିବ 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'। ଭାରତର ପ୍ରଥମ ବିଚାର ବିଭାଗୀୟ ସଂଗ୍ରହାଳୟ କୁହାଯାଉଥିବା 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍' ସମ୍ପର୍କରେ 'ପ୍ରମେୟ'ର ସ୍ୱତନ୍ତ୍ର ଉପସ୍ଥାପନା।

ପ୍ରସ୍ତୁତି: ଜଗନ୍ନାଥ ରାଉତ

## ମୁଖ୍ୟ ବିଚାରପତିଙ୍କ ଆବାସରୁ ସଂଗ୍ରହାଳୟ

ସ୍ୱାଧୀନତା ପରଠାରୁ ଐତିହାସିକ ବାରବାଟୀ ଦୁର୍ଗ ମଧ୍ୟରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଆବାସ ରହିଥିଲା। କିନ୍ତୁ ୨୦୧୨ ମସିହା ପରଠାରୁ ଏହା ଆଉ ମୁଖ୍ୟ ବିଚାରପତିଙ୍କ ଆବାସ ଭାବେ ବ୍ୟବହାର ହେଉନାହିଁ। କ୍ୟାଣ୍ଟୋନମେଣ୍ଟ ରୋଡରେ ନୂଆ ଆବାସ ନିର୍ମାଣ ପରେ ଏହି କୋଠା ୨୦୧୬ ମସିହା ପର୍ଯ୍ୟନ୍ତ ଖାଲି ପଡ଼ିଥିଲା। ୨୦୧୭ରେ ଓଡ଼ିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିନୀତ ଶରଣ୍ ଏଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଚିନ୍ତା କରିଥିଲେ। ସୁପ୍ରିମ୍‌କୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଦ୍ୱାରା ଏହି ସଂଗ୍ରହାଳୟର ଉଦ୍‌ଘାଟନ ହୋଇଥିଲା। କିନ୍ତୁ ସେତେବେଳେ ଏଥିରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ରଖାଯାଇପାରିନଥିଲା। ଏକ ସଂଗ୍ରହାଳୟର ପ୍ରକୃତ ରୂପ ନେଇପାରିନଥିଲା ଏହି ପ୍ରକଳ୍ପ।

ବର୍ତ୍ତମାନର ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର [illegible] କୋର୍ଟ ବୁଲି ଯାଉଥିଲାବେଳେ ସେଠାରେ ୧୮୧୪ ମସିହାର ଏକ ପୁରୁଣା ଅଦାଲତି ଆଦେଶର କପି ଦେଖିବାକୁ ପାଇଥିଲେ। ଯୋଉଥିରୁ ତାଙ୍କ ମନରେ ଏକ ପୂର୍ଣ୍ଣାଙ୍ଗ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଚିନ୍ତା ଆସିଲା। ସେଠାରୁ ଯୋଗଦାନ ପରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ମୁରଲୀଧର ପୁରୁଣା ସଂଗ୍ରହାଳୟର ନବକଳେବର କରିବା ପାଇଁ ଚିନ୍ତା କରିଥିଲେ। କେମିତି ପୁରୁଣା ରେକର୍ଡ ସଂରକ୍ଷଣ କରି ରଖାଯିବ ସେଥିରେ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍‌ର ଏକ ନକ୍ସା ଅଙ୍କନ ହୋଇଥିଲା। ନୂଆ ରୂପରେ ତିଆରି ହେଉଥିବା ସଂଗ୍ରହାଳୟରେ କ'ଣ ସବୁ ସାମଗ୍ରୀ ସ୍ଥାନ ପାଇବ, ଏହାର ରୂପରେଖ କିପରି ହେବ ସେନେଇ ଏକ କମିଟି ମଧ୍ୟ ଗଠନ କରିଥିଲେ। ଉକ୍ତ କମିଟିର ଯୋଜନା ଅନୁସାରେ ନୂଆ ରୂପରେ ଠିଆ ହେଲା 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'।



କୋର୍ଟରେ ବ୍ୟବହୃତ ବେଲ୍ ଏବଂ ଷ୍ଟାମ୍ପ

## ମୁଖ୍ୟ ବିଚାରପତିଙ୍କ ମତରେ...



ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ସଂଗ୍ରହାଳୟକୁ ନେଇ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର କହିଛନ୍ତି ଯେ, ଓଡ଼ିଶା ହାଇକୋର୍ଟ ଏବଂ ବିଭିନ୍ନ ଜିଲ୍ଲା କୋର୍ଟର ପୁରୁଣା ରେକର୍ଡ ସଂରକ୍ଷଣ କରାଯିବାବେଳେ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ କଥା ମନକୁ ଆସିଥିଲା। ଓଡ଼ିଶାରେ ଅନେକ କଥା ଓ କାହାଣୀ ରହିଛି। ଅଦାଲତର ପୁରୁଣା ରେକର୍ଡରେ ସ୍ୱାଧୀନତା ସଂଗ୍ରାମୀଙ୍କ କଥା, ପ୍ରସିଦ୍ଧ ବ୍ୟକ୍ତିଙ୍କ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଲୁଚି ରହିଛି। ସେହିସବୁ ଘଟଣାବଳୀକୁ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ କରିବା ଲାଗି ହାଇକୋର୍ଟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ମ୍ୟୁଜିୟମ୍ କେବଳ ଓଡ଼ିଶାର ନ୍ୟାୟବ୍ୟବସ୍ଥା କଥା ନୁହେଁ ସମଗ୍ର ଦେଶର ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ କଥା କହିବ। ଏହି ମ୍ୟୁଜିୟମ୍‌ରୁ ଅନେକ କଥା ଜାଣିବାକୁ ମିଳିବ, ଗବେଷଣାରେ ଏହା ସହାୟକ ହେବ।

### କୋର୍ଟ ରୁମ୍‌ରେ କପଡ଼ାର ଫ୍ୟାନ୍

ସେତେବେଳେ ଆଜିଭଳି ବିଦ୍ୟୁତ୍‌ଚାଳିତ ପଙ୍ଖା ନଥିଲା। କିନ୍ତୁ କୋର୍ଟ ରୁମ୍‌ରେ ଶୀତଳ ବାତାବରଣ ପାଇଁ କପଡ଼ା ଫ୍ୟାନ୍‌ର ବ୍ୟବହାର ହେଉଥିଲା। ଏକ ବିରାଟ ଚାଦର ଭଳି ଏହି କପଡ଼ା ଫ୍ୟାନ୍ ବିଚାରପତିଙ୍କ ମୁଣ୍ଡ ଉପରେ ଟାଙ୍ଗରା ଭଳି ଝୁଲି ରହିଥିଲା। ଏହାକୁ ବାହାରୁ ରସି ଏକ ବ୍ୟକ୍ତି ସାହାଯ୍ୟରେ ଟଣା ଯାଉଥିଲା। ଏହା ଝୁଲିବା ଦ୍ୱାରା ଏଥିରୁ ଅଳ୍ପ ପବନ ସୃଷ୍ଟି ହେଉଥିଲା। ଫଳରେ ଏହା କୋର୍ଟ ରୁମ୍‌କୁ ଥଣ୍ଡା ରଖିବାରେ ସାହାଯ୍ୟ କରୁଥିଲା। ଏହି ସଂଗ୍ରହାଳୟରେ ଏହି କପଡ଼ା ଫ୍ୟାନ୍ ଖୋଲାଯାଇଛି।

### ଭାରତରେ ପ୍ରଥମ

କଟକଠାରେ ବାରବାଟୀ କିଲ୍ଲା ଦୁର୍ଗର ୧୦ ହଜାର ୧୪୦ ବର୍ଗଫୁଟ୍ ଉପରେ ଅବସ୍ଥିତ ଏହି ସଂଗ୍ରହାଳୟ ଭାରତରେ ପ୍ରଥମ ବୋଲି କୁହାଯାଉଛି। ଏପରିକି ଏସିଆ ମହାଦେଶର ପ୍ରଥମ ଏବଂ ପୃଥିବୀର ଦ୍ୱିତୀୟ ବୋଲି ଦାବି କରାଯାଉଛି। ଅନ୍ୟ ଯେଉଁ କେତୋଟି ସ୍ଥାନରେ ଏହିଭଳି ସଂଗ୍ରହାଳୟ ରହିଛି ସେସବୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇ ନାହିଁ। କୋର୍ଟ ଅଦାଲତର କୌଣସି ଏକ ସ୍ଥାନରେ ଅଳ୍ପ କିଛି ସାମଗ୍ରୀକୁ ନେଇ ସଂଗ୍ରହାଳୟ ନିର୍ମାଣ କରାଯାଇଛି। କିନ୍ତୁ ଓଡ଼ିଶା ହାଇକୋର୍ଟର ଏହି ସଂଗ୍ରହାଳୟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏଥିରେ ୬ଟି ଗ୍ୟାଲେରୀ ରହିଛି। ପ୍ରତ୍ୟେକ ଗ୍ୟାଲେରୀ ଭିନ୍ନଭିନ୍ନ ପ୍ରସଙ୍ଗକୁ ନେଇ ପ୍ରସ୍ତୁତ ହୋଇଛି। ଏହି ସଂଗ୍ରହାଳୟର ନବୀକରଣ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

### କେଉଁ ଗ୍ୟାଲେରୀରେ କ'ଣ ଅଛି ?

ସଂଗ୍ରହାଳୟରେ ରହିଛି ୬ଟି ଗ୍ୟାଲେରୀ। ପ୍ରଥମ ଗ୍ୟାଲେରୀରେ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ନ୍ୟାୟିକ ବ୍ୟବସ୍ଥା କିପରି ଥିଲା ତାହାର ଚିତ୍ର ସ୍ଥାନ ପାଇଛି। ରାଜରାଜୁଡ଼ାଙ୍କ ସମୟରେ କିପରି ନ୍ୟାୟ ବ୍ୟବସ୍ଥା ଥିଲା, ଭାରତର ବିଭିନ୍ନ ରାଜାଙ୍କ ଶାସନ ପରିବର୍ତ୍ତନ ପରେ ନ୍ୟାୟ ବ୍ୟବସ୍ଥା କିପରି ରହିଥିଲା, ମୋଗଲଙ୍କଠାରୁ ଆରମ୍ଭ କରି ସ୍ୱାଧୀନତା ପୂର୍ବବର୍ତ୍ତୀ ଇଂରେଜଙ୍କ ସମୟ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କୁ କିପରି ନ୍ୟାୟ ମିଳୁଥିଲା ସେ ସମ୍ପର୍କରେ ଉଲ୍ଲେଖ କରାଯାଇଛି।

ଗ୍ୟାଲେରୀ-୨ରେ ୧୮୦୪ରୁ ୧୯୪୭ ମସିହା ମଧ୍ୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ହୋଇଥିବା ବିଚାର, ଦଣ୍ଡାଦେଶର ରେକର୍ଡ ଆଦି ସ୍ଥାନିତ ହୋଇଛି। ସହିଦ ଲକ୍ଷ୍ମଣ ନାୟକଙ୍କୁ ନିମ୍ନ ଅଦାଲତରେ ଫାଶୀ ଦଣ୍ଡାଦେଶ ଦିଆଯିବା ପରେ ପାଟନା ହାଇକୋର୍ଟରେ ଏହା ଉପରେ ବିଚାର କରାଯିବାର ଅର୍ଡର ମଧ୍ୟ ଏହି ଗ୍ୟାଲେରୀରେ ରହିଛି। ୩ ନମ୍ବର ଗ୍ୟାଲେରୀରେ ଆଦିବାସୀମାନଙ୍କର ନ୍ୟାୟ ବ୍ୟବସ୍ଥା କିପରି ଥିଲା ତାହାର ଏକ ପ୍ରତିଛବି ରହିଛି। ୪ ନମ୍ବର ଗ୍ୟାଲେରୀରେ ୧୮୦୮ ରୁ ୨୦୨୩ ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାୟ ଏବଂ ବିଭିନ୍ନ ଡ୍ୟାକ୍ସକୁ ସ୍ଥାନିତ କରାଯାଇଛି। ଗ୍ୟାଲେରୀ ନମ୍ବର ୫ରେ ପୁରୁଣା କୋର୍ଟରେ ଥିବା ବିଭିନ୍ନ ସାମଗ୍ରୀକୁ ରଖାଯାଇଛି। ଯେମିତିକି ବ୍ରିଟିଶ୍ ସମୟରେ ବିଭିନ୍ନ କୋର୍ଟରେ ଲାଗିଥିବା ଘଣ୍ଟି, କାଲକୁଲେଟର, ଟାଇପ୍ ରାଇଟର୍ ଆଦି ଅନ୍ୟାନ୍ୟ ସାମଗ୍ରୀ ରହିଛି। ୬ ନମ୍ବର ଗ୍ୟାଲେରୀରେ ଓଡ଼ିଶା ଅଞ୍ଚଳ ଶାସନରେ ଯେଉଁ ପରିବର୍ତ୍ତନ ଘଟିଛି ଏବଂ ସ୍ୱାଧୀନତା ପୂର୍ବ ସମୟର ବରିଷ୍ଠ ଆଇନଜୀବୀଙ୍କ ଫଟୋ ସ୍ଥାନିତ ହୋଇଛି। ୭ ନମ୍ବର ଗ୍ୟାଲେରୀରେ କୋର୍ଟ ଚାଲୁଥିବାର ଏକ ଅବିକଳ ପ୍ରତିଛବି ସମ୍ବଳିତ କୋର୍ଟ ବା ମକ୍ କୋର୍ଟ ରୁମ୍ ରହିଛି। ବିଶେଷକରି ଅଖଣ୍ଡ ବାଲିପଦାରେ ସେତେବେଳେ କିପରି କୋର୍ଟ ଚାଲୁଥିଲା ସେସବୁ ଏହି ଗ୍ୟାଲେରୀରେ ରହିଛି।



କୋର୍ଟରୁମ୍‌ରେ ଶୁଣାଣି ସମୟର ଅବିକଳ ପ୍ରତିକୃତି

### ପ୍ରସିଦ୍ଧ ଡାକ୍ତର ସ...

### ବିରୋଧରେ ଇଂରେଜ...

ସରତ୍ ଏକ୍ସାମ୍ ରସୁଲ୍। ବୃତ୍ତିରେ ... ରହି ରୋଗୀଙ୍କୁ ଚିକିତ୍ସା କରୁଥିଲେ। ତାଙ୍କ ପ୍ରସିଦ୍ଧି ଏତେ ବ୍ୟାପି ଯାଇଥିଲା ଯେ ଇଂରେଜ ସରକାର ଏହା ଦ୍ୱାରା ବିବ୍ରତ ହୋଇଯାଇଥିଲେ। କାରଣ ଚିକିତ୍ସା ପାଇଁ ତାଙ୍କ ପାଖକୁ ବହୁ ସଂଖ୍ୟାରେ ଲୋକ ଆସୁଥିଲେ। ଏପରିକି ତାଙ୍କର ଏକ ବିରାଟ ସମର୍ଥକ ଗୋଷ୍ଠୀ ତିଆରି ହୋଇଯାଇଥିଲେ। ଏଥିରେ ନିଜକୁ ଅସୁରକ୍ଷିତ ମନେ କରି ଇଂରେଜ ସରକାର ତାଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ମାମଲା ଚଳାଇଥିଲେ। ୧୯୨୨ ମସିହାରେ ଏହି ମାମଲା ଚାଲିଥିଲା।

### ଚାଣକ୍ୟଙ୍କ ସମୟରୁ ଆଜି ଯାଏ...

ଭାରତ ତଥା ଓଡ଼ିଶାରେ ଗତ ଦୁଇ ହଜାର ବର୍ଷରେ ବିଚାର ବ୍ୟବସ୍ଥାରେ କିପରି ପରିବର୍ତ୍ତନ ଘଟିଛି ତାହାର ଚିତ୍ର ଏହି ସଂଗ୍ରହାଳୟରେ ଦେଖିବାକୁ ମିଳିଛି। ଚାଣକ୍ୟଙ୍କ ସମୟରେ ବିଚାର ପ୍ରକ୍ରିୟା କିପରି ଥିଲା, ସମ୍ରାଟ ଅଶୋକ କିପରି ଆଇନର ଶାସନ କରିଥିଲେ, ଏହାପରେ ବିଭିନ୍ନ ରାଜାଙ୍କ ସମୟରେ ଶାସନ କ'ଣ ଥିଲା, ମରହଟ୍ଟା, ମୋଗଲ, ଇଂରେଜ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଏସବୁର ଏକ ସ୍ପଷ୍ଟ ଚିତ୍ର ଏହି ସଂଗ୍ରହାଳୟରେ ଦେଖିବାକୁ ମିଳିଛି। ପ୍ରତ୍ୟେକ ସମୟର ଆଇନ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସମୟ କ୍ରମେ ବିଚାର ବ୍ୟବସ୍ଥାର ପରିବର୍ତ୍ତନ ହୋଇ ଆଜି କେଉଁ ସ୍ଥିତିରେ ପହଞ୍ଚିଛି ତାହାର ଫଟୋ ଚିତ୍ର ସହ ତଥ୍ୟ ଉଲ୍ଲେଖ କରାଯାଇଛି।



## ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ମୁହଁରୁ...

ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ୍ ପ୍ରତାପ କୁମାର ପାତ୍ର କହିଛନ୍ତି ଯେ, ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ସଂଗ୍ରହାଳୟର ନବୀକରଣ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ୨୦୨୨ ମାର୍ଚ୍ଚ ୨୫ ତାରିଖରେ ଚିଠି କରିଥାଇ ଅବଗତ କରିଥିଲେ। ତୁରନ୍ତ ଏହି ପ୍ରସ୍ତାବ ଉପରେ ରାଜ୍ୟ ସରକାର ସମ୍ମତି ପ୍ରଦାନ କରିଥିଲେ। ଏହାପରେ ସଂଗ୍ରହାଳୟର କାର୍ଯ୍ୟ ଆରମ୍ଭ ହୋଇ ଆଜି ଏହା ସର୍ବସାଧାରଣଙ୍କ ପାଇଁ ଖୋଲିଦିଆଯାଇଛି। ସଂଗ୍ରହାଳୟ କରିବାରେ ଆମେ ଅନେକ ପୁରୁଣା ସାମଗ୍ରୀ ଭବିଷ୍ୟତ ପିଢ଼ିଙ୍କ ଲାଗି ସଂରକ୍ଷଣ କରିପାରିବା। ଏହାଦ୍ୱାରା ଅନେକ କଥା ଜାଣିବାକୁ ମିଳିବ। ଅନେକ କଥା ଶିଖିବାକୁ ମଧ୍ୟ ମିଳିବ। ଏହା କେବଳ ପ୍ରଦର୍ଶନ ପାଇଁ ନୁହେଁ ଏହା ଏକ ଜ୍ଞାନର ଭଣ୍ଡାର। ବିଚାର ବ୍ୟବସ୍ଥାରେ ହୋଇଥିବା ପରିବର୍ତ୍ତନର ଏହା ସାକ୍ଷୀ। ଏହି ସଂଗ୍ରହାଳୟ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଆଇନଜୀବୀ ସମସ୍ତଙ୍କ ଗବେଷଣା କ୍ଷେତ୍ରରେ ଅନେକ ସାହାଯ୍ୟ କରିବ।



ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ସମ୍ମୁଖରେ ଶୋଭା ପାଉଥିବା ଅଶୋକସ୍ତମ୍ଭ

## ବ୍ରିଟିଶ୍ ଘଡ଼ି, କୋରାପ୍ଟର ଟାଇପ୍ ରାଇଟର୍





... ସ୍ଥାନ ପାଇଛି ବ୍ରିଟିଶ୍ ସମୟର ଘଣ୍ଟା। ଆଜି ବି' ସେମିତି ସମୟ ସହିତ ତାଳ ଦେଇ ଟିକ୍‌ଟିକ୍ କରୁଛି। ସେତେବେଳେ ବିଭିନ୍ନ କୋର୍ଟରେ ଏହିସବୁ ଘଣ୍ଟା ଶୋଭା ପାଉଥିଲା। ପୂର୍ବରୁ ବିଭିନ୍ନ ଅଦାଲତରେ ଥିବା ବ୍ରିଟିଶ୍ ଅମଳର ପ୍ରାୟ ୫ଟି ଘଣ୍ଟାକୁ ସଂଗ୍ରହାଳୟରେ ସ୍ଥାନିତ କରାଯାଇଛି। ସେହିପରି ସେତେବେଳର ଓଡ଼ିଆରେ ଟାଇପ୍ ରାଇଟର ଏହି ସଂଗ୍ରହାଳୟରେ ସ୍ଥାନ ପାଇଛି। ଏହି ଟାଇପ୍ ରାଇଟର୍ କୋରାପୁଟ ଅଦାଲତରୁ ସଂଗ୍ରହ କରାଯାଇଛି। ଏହା ବାଦ୍ ସଂଗ୍ରହାଳୟରେ ଏକ ପୁରୁଣା କାଲକୁଲେଟର ବି ସ୍ଥାନ ପାଇଛି। ଏହାର ଗୋଟେ ପଟେ କି' ବୋର୍ଡ ଥିଲା। ଅନ୍ୟପଟେ ଡିସ୍‌ପ୍ଲେ ବୋର୍ଡ ନାହିଁ। ସେହି ସ୍ଥାନରେ କାଗଜ ପ୍ରିଣ୍ଟର ହେଉଥିଲା। ସେହି କାଗଜ ପ୍ରିଣ୍ଟରେ ଯୋଗଫଳ ହିସାବ ଦେଖାଉଥିଲା। ଏହି କାଲକୁଲେଟର ଅଦାଲତର କୋର୍ଟ କାର୍ଯ୍ୟରେ ବ୍ୟବହୃତ ହେଉଥିଲା।



ଓଡ଼ିଶା ହାଇକୋର୍ଟର ମଡେଲ୍

## ବାରିପଦା କୋର୍ଟକୁ ହେରିଟେଜ୍ କୋର୍ଟର ମାନ୍ୟତା



ସେତେବେଳେ ବାରିପଦା, ବଲାଙ୍ଗୀରରେ ହାଇକୋର୍ଟ ରହିଥିଲା। ତତ୍କାଳୀନ ରାଜାମାନେ ଏହି କୋର୍ଟ ପ୍ରତିଷ୍ଠା କରିଥିଲେ। ଏଥିପାଇଁ ଇଂରେଜ ସରକାର ଅନୁମତି ମଧ୍ୟ ପ୍ରଦାନ କରିଥିଲେ। ବାରିପଦାରେ କୋର୍ଟ କିପରି ଚାଲିଥିଲା ତାହାର ଏକ ଅବିକଳ ଛବି ଏହି ସଂଗ୍ରହାଳୟରେ ସ୍ଥାନ ପାଇଛି। ଆଜି ବି ବାରିପଦାରେ ଜିଲ୍ଲାଜଜ୍‌ଙ୍କ ଅଦାଲତ ସେହି ପ୍ରକ୍ରିୟାରେ ଚାଲିଛି। ସଂଗ୍ରହାଳୟରେ ଏହି କୋର୍ଟକୁ ହେରିଟେଜ୍‌ର ମାନ୍ୟତା ଦିଆଯାଇଛି।

### ରେଭେନ୍ସା କଲିଜିଏଟ୍ ସ୍କୁଲରେ ପ୍ରଥମେ ଲ' କ୍ଲାସ୍

ଆଜି ରାଜ୍ୟରେ ବହୁ ସଂଖ୍ୟାରେ ଆଇନ ମହାବିଦ୍ୟାଳୟ ରହିଛି। ବିଶ୍ୱବିଦ୍ୟାଳୟ ମଧ୍ୟ ରହିଛି। କିନ୍ତୁ ଗୋଟେ ସମୟ ଥିଲା ଓଡ଼ିଶାରେ ରେଭେନ୍ସା କଲେଜିଏଟ୍ ବିଦ୍ୟାଳୟରେ ଆଇନ ଶିକ୍ଷା ଦିଆଯାଉଥିଲା। ସେତେବେଳେ ରେଭେନ୍ସା କଲେଜିଏଟ୍‌ର ନାମ ଜନକ ସ୍କୁଲ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମେ ୬ଜଣ ଆଇନ ପାଠ ପଢ଼ୁଥିଲେ। ଏହି ଆଇନ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ଲାଗି ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ ନିଯୁକ୍ତି ଦିଆଯାଇଥିଲା। ସଂଗ୍ରହାଳୟରେ ଏଭଳି ସୂଚନା ଉଲ୍ଲେଖ ହୋଇଛି।

### ସମ୍ବିଧାନ ପ୍ରଣୟନ କମିଟି ରେକର୍ଡରେ ଓଡ଼ିଆରେ ଦସ୍ତଖତ

ଭାରତର ସମ୍ବିଧାନ ପ୍ରଣୟନ ପାଇଁ ଯେଉଁ କମିଟି ଗଠନ ହୋଇଥିଲା ସେଥିରେ ୧୪ଜଣ ଓଡ଼ିଆ ସଦସ୍ୟ ରହିଥିଲେ। ସେମାନେ ହେଲେ ବିଶ୍ୱନାଥ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମାଳତୀ ଚୌଧୁରୀ, ଲକ୍ଷ୍ମୀନାରାୟଣ ସାହୁ, ଲୋକନାଥ ମିଶ୍ର, ନବ କିଶୋର ଦାସ, ରାଜକୃଷ୍ଣ ବୋଷ, ଯୁଗଳ ଦାସ, ଶାନ୍ତନୁ କୁମାର ଦାସ, ହରେକୃଷ୍ଣ ମହତାବ, ବୋଧରାମ ଦୁବେ, ମହମ୍ମଦ ତାହିର, ଯୁଧିଷ୍ଠିର ମିଶ୍ର ଏବଂ ସାରଙ୍ଗଧର ଦାସ। ବହୁତକୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ବିଧାନ ପ୍ରଣୟନ କମିଟିର ସଦସ୍ୟମାନେ ଯେଉଁଠି ଦସ୍ତଖତ କରିଥିଲେ ସେଠି ଓଡ଼ିଶାର ୧୪ଜଣଙ୍କ ମଧ୍ୟରୁ ଦୁଇଜଣ ଲକ୍ଷ୍ମୀନାରାୟଣ ସାହୁ ଓ ରାଜକୃଷ୍ଣ ବୋଷ ଓଡ଼ିଆରେ ଦସ୍ତଖତ କରିଥିଲେ। ସମ୍ବିଧାନ ପ୍ରଣୟନ କମିଟି ସମସ୍ତ ସଦସ୍ୟଙ୍କ ନେଇ ଫଟୋଚିତ୍ର ସହ ଓଡ଼ିଆ ସଦସ୍ୟଙ୍କ ଦସ୍ତଖତର ଅବିକଳ ଫଟୋ ଏହି ସଂଗ୍ରହାଳୟରେ ସ୍ଥାନ ପାଇଛି।





କଟକରେ ଶନିବାର ଉଦ୍‌ଘାଟିତ ହୋଇଥିବା 'ମ୍ୟୁଜିୟମ ଅଫ୍ ଜଷ୍ଟିସ୍'ର ବିଭିନ୍ନ ଗ୍ୟାଲେରିରେ ରହିଥିବା କୋର୍ଟର ମଡେଲ, ବିଭିନ୍ନ ଭାଷାରେ ହୋଇଥିବା ଜଜ୍‌ମେଣ୍ଟ ରେକର୍ଡ ଓ କୋର୍ଟ ରୁମ୍। (ଫଟୋ: ରାଜକିଶୋର)

# ଓଡ଼ିଶା ହାଇକୋର୍ଟ ମ୍ୟୁଜିୟମ ହେଲା 'ମ୍ୟୁଜିୟମ ଅଫ୍ ଜଷ୍ଟିସ୍'

## ୭ ଗ୍ୟାଲେରିରେ ଓଡ଼ିଶା ନ୍ୟାୟିକ ବ୍ୟବସ୍ଥାର ଇତିହାସ

କଟକ ଅଫିସ,୨୫।୨

ଓଡ଼ିଶା ହାଇକୋର୍ଟ ମ୍ୟୁଜିୟମ ନାମରେ ୨୦୧୭ ନଭେମ୍ବର ୧୨ରେ ଆତ୍ମପ୍ରକାଶ କରିଥିଲା ଏକ ସଂଗ୍ରହାଳୟ। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାସଭବନ ଭାବେ ଦୀର୍ଘବର୍ଷ ଧରି ବ୍ୟବହୃତ ହୋଇଥିବା ବାରବାଟୀ ଦୁର୍ଗ ପରିସରସ୍ଥ ଐତିହ୍ୟ କୋଠାଘରକୁ ମ୍ୟୁଜିୟମରେ ପରିଣତ କରିବା ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତି ବିନୀତ ଶରନଙ୍କ ସମୟରେ ହାଇକୋର୍ଟ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟ ସମେତ ବିଭିନ୍ନ ଜିଲାକୋର୍ଟରୁ ସଂଗୃହୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେକର୍ଡ, ପୁରାତନ ପୁସ୍ତକ, ବିଚାର ଦସ୍ତାବିଜ ଓ ବିରଳ ଫଟୋକୁ ସଂଗ୍ରହାଳୟରେ ପ୍ରଦର୍ଶିତ କରାଯାଇଥିଲା। ସେ ସମୟର ପ୍ରୟାସକୁ ଆଉ ଟିକେ ଆଗେଇ ନେବାକୁ ବର୍ତ୍ତମାନର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ମ୍ୟୁଜିୟମ ରୂପାନ୍ତର କାର୍ଯ୍ୟର ବୃତ୍ତାନ୍ତ ରୂପ ହୋଇଛି ମ୍ୟୁଜିୟମ ଅଫ୍ ଜଷ୍ଟିସ୍।




ଏହି ମ୍ୟୁଜିୟମ ସ୍ଥାପନ ପୂର୍ବରୁ ହାଇକୋର୍ଟ ମୁଖ୍ୟ ବିଚାରପତି ମୁରଲୀଧରଙ୍କ ସମେତ ବିଚାରପତି ଶଶିକାନ୍ତ ମିଶ୍ର, ସେଣ୍ଟର ଅଫ୍ ଜୁଡିସିଆଲ ଆର୍କାଇଭ୍‌ସର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ର କୋଲକାତାସ୍ଥିତ ଇଣ୍ଡିଆନ୍ ମ୍ୟୁଜିୟମ୍, ଦି ଭିକ୍ଟୋରିଆ ମେମୋରିଆଲ, ପୋଲିସ ମ୍ୟୁଜିୟମ, ପାଟନାସ୍ଥିତ ବିହାର ଓ ପାଟନା ମ୍ୟୁଜିୟମ, ଚେନ୍ନାଇସ୍ଥିତ ଗଭର୍ନମେଣ୍ଟ ମ୍ୟୁଜିୟମ ପରିଦର୍ଶନ କରିଥିଲେ। ପରେ ବିଚାରପତି ମିଶ୍ର ଓ ଡ. ଦାସ ମହାପାତ୍ର, ଦିଲ୍ଲୀସ୍ଥିତ ନ୍ୟାଶନାଲ ମ୍ୟୁଜିୟମ, ଦ' ନ୍ୟାଶନାଲ ଆର୍କାଇଭସ୍, ଦ' ଦିଲ୍ଲୀ ଷ୍ଟେଟ୍ ଆର୍କାଇଭ୍‌ସ ଏବଂ କୋଲକାତାସ୍ଥିତ ଦ' ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ ସାଇନ୍‌ସେସ୍, ଦ' ଏସିଆଟିକ ସୋସାଇଟି ଏବଂ ଦ' ୱେଷ୍ଟ ବେଙ୍ଗଲ ଷ୍ଟେଟ୍ ଆର୍କାଇଭ୍‌ସ ବୁଲି ଦେଖିଥିଲେ। ଏପରି କି ଲଣ୍ଡନସ୍ଥିତ ବ୍ରିଟିଶ ଲାଇବ୍ରେରୀର ବିଶେଷଜ୍ଞମାନଙ୍କ ସହ ଭର୍ଚୁଆଲ ବୈଠକରେ ଆଲୋଚନା କରାଯାଇଥିଲା। କନ୍‌ସଲଟେଟିଭ କମିଟିର ପରାମର୍ଶ ଅନୁସାରେ, ଗୋଟିଏ ଥିମ୍ ପାଭିଲିୟନ୍, ୭ଟି ଗ୍ୟାଲେରି କରାଯିବା ସହ ଏକ ଲାଇବ୍ରେରୀ ଓ ସୋଭେନିର ସପ୍ ମଧ୍ୟ ନିର୍ମାଣ ହୋଇଛି। ଲାଇବ୍ରେରୀରେ ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀର ଆଇନ ପୁସ୍ତକ, ଜର୍ନାଲଗୁଡ଼ିକୁ ଉପଲବ୍ଧ କରାଯାଇଛି।

### ଥିମ ପାଭିଲିୟନ

ଏଥିରେ ଓଡ଼ିଶା ହାଇକୋର୍ଟର ଡିଜିଟାଲ ଟାଇମଲାଇନ୍ ଓ କ୍ରମୋନ୍ନତି ସମ୍ପର୍କିତ ଚିତ୍ର, ମଡେଲଗୁଡ଼ିକ ସ୍ଥାନିତ ହୋଇଛି।





ହାଇକୋର୍ଟରେ ବ୍ୟବହୃତ କାଲ୍‌କୁଲେଟର ଓ କୋରାପୁଟ ଜଜଶିପ୍‌ରେ ବ୍ୟବହୃତ ହେଉଥିବା ଟାଇପ୍ ରାଇଟର।

**୧ନଂ.ଗ୍ୟାଲେରି:** ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ପ୍ରାଚୀନ ସମୟରୁ ଆଜି ଯାଏକୁ ପ୍ରଦର୍ଶନ କରାଯାଇଛି। ଏଥିରେ ପୁରାତନ ଫଟୋ, ଲେଖା, ନ୍ୟାୟିକ ରେକର୍ଡ ଆଦିକୁ ରଖାଯାଇଛି।

**୨ନଂ.ଗ୍ୟାଲେରି:** ୧୮୦୪ରୁ ୧୯୪୭ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ବିଚାର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସଂକ୍ରାନ୍ତୀୟ ଦସ୍ତାବିଜ୍ ସ୍ଥାନିତ ହୋଇଛି।

**୩ନଂ.ଗ୍ୟାଲେରି:** ଜନଜାତିଙ୍କ ପାରମ୍ପରିକ ଚଳଣିର ଗୁରୁତ୍ୱ ସମ୍ପର୍କିତ ଆଇନ୍ ଓ ନ୍ୟାୟ ପ୍ରଦାନର ଧାରା ସମ୍ପର୍କରେ ଏଥିରେ ଦର୍ଶାଯାଇଛି।

**୪ନଂ.ଗ୍ୟାଲେରି:** ୧୮୦୮ ମସିହାଠାରୁ ୨୦୧୩ ପର୍ଯ୍ୟନ୍ତ ବିଚାର ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ରାୟ ଓ ତତ୍ ସମ୍ପର୍କିତ ଖବରଗୁଡ଼ିକର ସ୍ମାରକୀକୁ ସ୍ଥାନିତ କରାଯାଇଛି।

**୫ନଂ.ଗ୍ୟାଲେରି:** ପୁରୁଣା ଅଦାଲତରେ ବ୍ୟବହାର ହୋଇଥିବା କପଡ଼ା ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରାଯାଇଛି।

**୬ନଂ.ଗ୍ୟାଲେରି:** ଓଡ଼ିଶାରେ ଆଇନ ଶିକ୍ଷାର କ୍ରମୋନ୍ନତି ଓ ପ୍ରସିଦ୍ଧ ଆଇନଜୀବୀମାନଙ୍କ ସଂକ୍ରାନ୍ତୀୟ ତଥ୍ୟଗୁଡ଼ିକ ଶ୍ରେଣୀବିଭାଗ ଆକାରରେ ରଖାଯାଇଛି।

**୭ନଂ.ଗ୍ୟାଲେରି:** ବାରିପଦା ଓ ଆସ୍କାର ଐତିହାସିକ କୋର୍ଟରୁମ୍‌ର ମଡେଲକୁ ଏଠାରେ ପ୍ରଦର୍ଶିତ କରାଯାଇଛି।



ଓଡ଼ିଶା ହାଇକୋର୍ଟର ପୁରୁଣା ଘଣ୍ଟା।




ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ଡଙ୍ଗରିଆ କନ୍ଧ ଓ ପୁରାତନ ସାମ୍ବିଧାନିକ ନିୟମାବଳୀ।



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ସ୍ୱାଧୀନତା ଆନ୍ଦୋଳନ ଆଦି ପାଇଁ ଆଇନ ଲଢ଼େଇ କରିଥିବା ଓଡ଼ିଶାର ଆଇନଜୀବୀ ଓ ବିଚାରପତିମାନେ।



# ଇତିହାସ ରଚିଲା 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'

- ଶହେରୁ ଅଧିକ ବର୍ଷ ପୁରୁଣା ଅଦାଲତଙ୍କ ରାୟ ସଂରକ୍ଷିତ
- ଓଡ଼ିଶା ବିଚାର ବିଭାଗ ଇତିହାସର ତଥ୍ୟ
- ସ୍ୱାଧୀନତା ସଂଗ୍ରାମୀଙ୍କ ମାମଲାର ନିର୍ଦ୍ଦେଶ








କଟକ,୨୫।୨(ଇମିସ): ରାଜ୍ୟର ନ୍ୟାୟିକ ଇତିହାସ ଓ ଐତିହ୍ୟକୁ ସଂରକ୍ଷଣ କରିବାରେ ଓଡିଶା ହାଇକୋର୍ଟ ଦେଶରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ବାରବାଟୀ କିଲ୍ଲା ପରିସରରେ ଥିବା ମୁଖ୍ୟ ବିଚାରପତିଙ୍କ ଐତିହାସିକ ଆବାସିକ କୋଠାରେ ୨୦୧୭ରେ ଓଡ଼ିଶା ହାଇକୋର୍ଟ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ଆଧୁନିକ ମ୍ୟୁଜିୟମ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟର ନ୍ୟାୟିକ ଇତିହାସ ଓ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ସମସ୍ତଙ୍କ ପାଇଁ ପ୍ରଦର୍ଶନ କରିବା ଲାଗି ଏହି ନୂଆ ଆଧୁନିକ ମ୍ୟୁଜିୟମ ପ୍ରସଂଗରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଦେଶର ବିଭିନ୍ନ ମ୍ୟୁଜିୟମ ପରିଦର୍ଶନ କରାଯିବା ପରେ ଏହି ଆଧୁନିକ ମ୍ୟୁଜିୟମରେ ସବୁ ବ୍ୟବସ୍ଥା କରାଯାଇଛି। ଏଥି ସହିତ ରାଜ୍ୟର ବ୍ରହ୍ମପୁର, ଆସ୍କା, ପୁରୀ, ଭଦ୍ରକ, ବାଲେଶ୍ୱର, ବାରିପଦା, କେନ୍ଦୁଝର ଯାଇ ପ୍ରାଚୀନ ବସ୍ତୁ ଓ ରେକର୍ଡ ସଂଗ୍ରାହଳୟ ପାଇଁ ଠାବ କରାଯାଇଥିଲା। ଐତିହାସିକ, ସଂରକ୍ଷଣ ବିଶେଷଜ୍ଞ, ଓଡ଼ିଆ ଭାଷା ବିଶେଷଜ୍ଞ ଓ ଆଇନ ବିଶେଷଜ୍ଞଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ଏହି କମିଟି ପରାମର୍ଶରେ 'ମ୍ୟୁଜିୟମ ଅଫ୍ ଜଷ୍ଟିସ'ରେ ଗୋଟିଏ ଥିମ୍ ପ୍ୟାଭିଲିୟନ, ୭ଟି ଗ୍ୟାଲେରି, ଲାଇବ୍ରେରି ଓ ସୋଭେନିୟର ସପ୍ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ୟାଭିଲିୟନରେ ହାଇକୋର୍ଟ ସଂପର୍କରେ ସବୁ ସୂଚନା ଓ ଡିଜିଟାଲ ଟାଇମ ଲାଇନ ରହିଛି। ଆରମ୍ଭ ଦିନ ଠାରୁ ହାଇକୋର୍ଟର ଫଟୋ ଓ ଗ୍ରାଫିକ ମଡେଲ ରହିଛି। ଗ୍ୟାଲେରି ଗୁଡିକରେ ଓଡ଼ିଶାରେ ବିଚାରବ୍ୟବସ୍ଥାର ବିବର୍ତ୍ତନ ଦେଖି ହେବ। ୧୮୦୪ରୁ ୧୯୪୭ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମ ସଂପର୍କିତ ତଥ୍ୟ ବି ଏଥିରେ ରହିଛି। ଓଡ଼ିଶାର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ମାମଲାର ଟ୍ରାଏଲ ଓ ରାୟ ରହିଛି। ଆଦିବାସୀଙ୍କ ମଧ୍ୟରେ କେମିତି ନ୍ୟାୟ ବ୍ୟବସ୍ଥା ଥିଲା ତାହା ବି ପ୍ରଦର୍ଶନ କରାଯାଇଛି। ୧୮୦୮ରୁ ୨୦୧୩ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାୟ ଓ ଖବର ପ୍ରସଂଗରେ ଏଠାରେ ସବୁ ତଥ୍ୟ ରହିଛି। ଓଡ଼ିଶାର ଆଇନ ଶିକ୍ଷାର ଉନ୍ନତି ଓ ଐତିହାସିକ ତଥ୍ୟ ସହିତ ରାଜ୍ୟର ପ୍ରମୁଖ ଆଇନଜୀବୀଙ୍କ ସଂପର୍କରେ ସୂଚନା ରହିଛି। ପୁରୁଣା ଦିନରେ କେମିତି କୋର୍ଟରେ ପରିଧାନ ଥିଲା ତାହା ପ୍ରଦର୍ଶନ କରାଯାଇଛି। ବିଚାରପତି ପିନ୍ଧୁଥିବା ୱିଗ୍ ଓ ପୋଷାକ ରହିଛି। ବାରିପଦା ଓ ଆସ୍କାର ଐତିହାସିକ କୋର୍ଟ କୋଠରୀ ଆଧାରରେ ମକ୍ କୋର୍ଟ ରୁମ୍ ମଧ୍ୟ ଗ୍ୟାଲେରିରେ ରହିଛି। ସେତେବେଳେ କୋର୍ଟ ଭିତରେ କିପରି ହାତ ଟଣା ପଙ୍ଖା ବ୍ୟବସ୍ଥା ରହିଥିଲା, ବିଚାରପତି ଓ ଆଇନଜୀବୀମାନେ କିଭଳି ଚେୟାର ଟେବୁଲ ବ୍ୟବହାର କରୁଥିଲେ ତାହା ପ୍ରଦର୍ଶନ କରାଯାଇଛି। ପୁରୁଣା ଦିନରେ ଅଦାଲତରେ ବ୍ୟବହାର କରାଯାଇଥିବା ଷ୍ଟାମ୍ପ, ହାତଘଣ୍ଟି, କାନ୍ଥ ଘଣ୍ଟା, ଲ୍ୟାମ୍ପ, ପେପରୱେଟ କୋଲପ ମଧ୍ୟ ରହିଛି। ଏଥିରୁ ବହୁ ସାମଗ୍ରୀ ଶତାଧିକ ବର୍ଷ ପୁରୁଣା। ପ୍ରାୟ ଦୁଇ ଶତାବ୍ଦୀର ଅଦାଲତି ରେକର୍ଡ ରହିଛି।

୧୮୧୩ ମସିହାର ରାଜା ହରିହର ଭଞ୍ଜ ବନାମ ରାଜା ଜଗନ୍ନାଥ ଭଞ୍ଜଙ୍କ ମଧ୍ୟରେ ହୋଇଥିବା ମୋକଦ୍ଦମାରେ ଅଜଣା ଭାଷାରେ ପ୍ରକାଶିତ ଅଦାଲତଙ୍କ ରାୟ ଏଠାରେ ଦେଖିବାକୁ ମିଳିବ। ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ରିଟିଶ ଶାସନ କାଳରେ ବିଭିନ୍ନ ଅଦାଲତ ପ୍ରଦାନ କରିଥିବା ରାୟର କପି ଏଠାରେ ରହିଛି। ୧୯୪୮, ଜୁଲାଇ ୨୬ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଦିନର ଫଟୋ, ଶପଥଗ୍ରହଣ ଉତ୍ସବର ଫଟୋ ମଧ୍ୟ ସଂଗ୍ରହାଳୟରେ ରହିଛି।










ପ୍ରକାଶିତ ୧୮୧୫, ଡିସେମ୍ବର ୨ର ରାୟର କପି ଏଠାରେ ରହିଛି। ସେହି ଶତାବ୍ଦୀର ଆଉ କେତେକ ମାମଲାର ରାୟ ଏହି ସଂଗ୍ରାହଳୟରେ ଦେଖିବାକୁ ମିଳିବ। କଟକ ଠାରେ ପାଟନା ହାଇକୋର୍ଟର ସର୍କିଟ ବେଞ୍ଚ ୧୯୧୬ ମସିହା ମେ ମାସ ୧୮ ତାରିଖରେ ବସିଥିଲା। ସର୍କିଟ କୋର୍ଟର ପ୍ରଥମ ରାୟର କପି ଏଠାରେ ରହିଛି। ସେହିଭଳି ଭାବେ ୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେବା ପରେ ୧୯୪୮ ଜୁଲାଇ ୨୬ରେ ପ୍ରକାଶିତ ରାୟର କପି ମଧ୍ୟ ଏଠାରେ ରହିଛି। ସ୍ୱାଧୀନତା ପୂର୍ବରୁ ଓଡ଼ିଆ, ବଙ୍ଗଳା ଓ ସତେବେଳେ ସ୍ୱାଧୀନତା ପୂର୍ବରୁ ମୟୂରଭଞ୍ଜ ରାଜ୍ୟର ଜୁଡିସିଆଲ ଷ୍ଟାମ୍ପ ରହିଛି। ମୋଗଲ, ମରାଠା, ବ୍ରିଟିଶ ଓ ଅନ୍ୟ ଶାସନ ସମୟରେ କେମିତି ବିଚାରବ୍ୟବସ୍ଥା ରହିଥିଲା ସେ ନେଇ ବହୁ ଐତିହାସିକ ତଥ୍ୟ ରହିଛି। ବହୁ ପୁରାତନ ଲ' ଜର୍ଣ୍ଣାଲ ରହିଛି। ଏଥିମଧ୍ୟରେ ୧୮୫୯, ୧୮୭୦ ଓ ବିଭିନ୍ନ ସମୟର ଜର୍ଣ୍ଣାଲ ରହିଛି। ପୁରୁଣା ସମୟରେ ଅଦାଲତରେ ବ୍ୟବହୃତ ଚେୟାର ଟେବୁଲ, ଷ୍ଟୁଲ, ଆସବାବପତ୍ର ଠାରୁ ଆରମ୍ଭ କରି କ୍ରେଜେରି ଓ ବହୁ କଥା ସଂଗ୍ରହଳୟରେ ଦେଖିବା ପାଇଁ ମିଳିବ।

## ମ୍ୟୁଜିୟମ ଅଫ୍ ଜଷ୍ଟିସ ଉଦ୍‌ଘାଟିତ

# ଦେଶ ପାଇଁ ଗର୍ବର ବିଷୟ: ରାଜ୍ୟପାଳ



କଟକ,୨୫/୨(ଇମିସ): କଟକରେ 'ମ୍ୟୁଜିୟମ ଅଫ୍ ଜଷ୍ଟିସ୍'ର ଉଦ୍‌ଘାଟନ ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ଏହି ମ୍ୟୁଜିୟମ ଭବିଷ୍ୟତ ପିଢ଼ିକୁ ସମୃଦ୍ଧ କରିବ। ବାରବାଟୀ କିଲ୍ଲା ପରିସରରେ ଆଜି 'ମ୍ୟୁଜିୟମ ଅଫ୍ ଜଷ୍ଟିସ' ଉଦଘାଟନ କରିବା ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ନ୍ୟାୟପାଳିକା ଓ ବିଚାରପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ନୀତିପରାୟଣତା ବଜାୟ ରଖିବା ପାଇଁ ନ୍ୟାୟପାଳିକା ପ୍ରଶଂସାର ପାତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ମୁରଲୀଧର କହିଥିଲେ ଯେ ମ୍ୟୁଜିୟମ ଅଫ୍ ଜଷ୍ଟିସ ଦ୍ୱାରା କେବଳ ଇତିହାସକୁ ସମ୍ମାନ ଦିଆଯାଇ ନାହିଁ ବରଂ ଇତିହାସ ସୃଷ୍ଟି କରାଯାଇଛି। ଏହି ମ୍ୟୁଜିୟମ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶର ବିଚାରବ୍ୟବସ୍ଥାର ପ୍ରତିଫଳନ। ମ୍ୟୁଜିୟମ ଅଫ୍ ଜଷ୍ଟିସ ଶିଖିବା, ଗବେଷଣା, ଏକତ୍ର କରିବା ଓ ଶିକ୍ଷାଦାନର ସ୍ଥାନ ହେବ ବୋଲି ମୁଖ୍ୟ ବିଚାରପତି ଆଶା ପ୍ରକାଶ କରିଥିଲେ। ଜଷ୍ଟିସ ଦେବବ୍ରତ ଦାଶ ସ୍ୱାଗତ ଭାଷଣରେ ଓଡ଼ିଶା ବିଚାରବିଭାଗର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଜଷ୍ଟିସ ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଜି.ବି. ପଟ୍ଟନାୟକ, ହାଇକୋର୍ଟର ସମସ୍ତ ବିଚାରପତି, ଅବସରପ୍ରାପ୍ତ ବିଚାରପତି, ଆଡଭୋକେଟ ଜେନେରାଲ, ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥି ସହିତ ମ୍ୟୁଜିୟମର ପରାମର୍ଶ କମିଟି ସଦସ୍ୟ ଡକ୍ଟର ଜଷ୍ଟିସ ଏ.କେ. ମିଶ୍ର, ଐତିହାସିକ ନିବେଦିତା ମହାନ୍ତି, ଏ.ବି.ଓତା, ପ୍ରଫେସର ନିହାରରଂଜନ ପଟ୍ଟନାୟକ, ସୁଚିସ୍ମିତା ମହାନ୍ତୀ, ଇନଟାକ୍ ନିର୍ଦ୍ଦେଶିକ ମଲ୍ଲିକା ମିତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଇନ କଲେଜ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ ୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ଏହା ପୂର୍ବରୁ ଓଡ଼ିଶା ପ୍ରଦେଶ କଲିକତା ହାଇକୋର୍ଟ କାର୍ଯ୍ୟପରିସରରେ ୧୮୬୨ରୁ ୧୯୧୨ ପର୍ଯ୍ୟନ୍ତ ଓ ପାଟନା ହାଇକୋର୍ଟ ଅଧିନରେ ୧୯୧୨ରୁ ୧୯୪୮ ପର୍ଯ୍ୟନ୍ତ ରହିଥିଲା। ଓଡ଼ିଶାର ଦକ୍ଷିଣାଞ୍ଚଳ ମାଡ୍ରାସ ହାଇକୋର୍ଟ କ୍ଷମତା ପରିସରରେ ଥିଲା। ତେଣୁ ଓଡ଼ିଶା ହାଇକୋର୍ଟର ପୁରୁଣା ରେକର୍ଡ ମଧ୍ୟରେ କଲିକତା, ପାଟନା ଓ ମାଡ୍ରାସ ହାଇକୋର୍ଟ ରହିଛି। ଏହି ମ୍ୟୁଜିୟମରେ ବ୍ରିଟିଶ ଅମଳର ବିଭିନ୍ନ ମାମଲାର ରାୟ ସହିତ ପ୍ରାଚୀନ ରେକର୍ଡର କପି ରହିଛି। ଏଥି ସହିତ ପୂର୍ବରୁ କେମିତି କୋର୍ଟ କାର୍ଯ୍ୟ ହେଉଥିଲା, କିଭଳି ଷ୍ଟାମ୍ପ ଥିଲା ସେ ନେଇ ଐତିହାସିକ ତଥ୍ୟ ଏଠାରେ ରହିଛି। ଶତାଧିକ ବର୍ଷର ପୁରୁଣା ଆଇନ ପୁସ୍ତକ ଠାରୁ ଆରମ୍ଭ କରି ଓଡ଼ିଆ, ବଙ୍ଗଳା ଓ ଅନ୍ୟ ଭାଷାରେ ପ୍ରକାଶିତ ଅଦାଲତଙ୍କ ରାୟ ଏଠାରେ ଦେଖିବାକୁ ମିଳିବ।

ପ୍ରମେୟ
THE PRAMEYA

‘ଝରକା’ରେ ଆମ ଓଡ଼ିଶାର ସୌନ୍ଦର୍ଯ୍ୟ, ଚଳଣି,ନିତି ଦିନିଆ କଥା... ଫଟୋ ଉଠାନ୍ତୁ, ସ୍ଥାନର ନାମ, ନିଜର ସମ୍ପୂର୍ଣ୍ଣ ଠିକଣା, ଫୋନ୍ ନମ୍ବର ଓ କ୍ୟାପ୍ସନ ସହ ପଠାନ୍ତୁ, ସୋସିଆଲ ମିଡିଆ ଫଟୋ ଦିଅନ୍ତୁ ନାହିଁ...

sudeep.rout@gmail.com

# ଝରକା

Digital Edition
ସୋମବାର, ୨୭ ଫେବ୍ରୁଆରୀ ୨୦୨୩









ବାରବାଟୀ ଦୁର୍ଗ ପରିସରରେ ନିର୍ମିତ ‘ମ୍ୟୁଜିୟମ ଅଫ୍ ଜଷ୍ଟିସ୍’ର କିଛି ଫଟୋ। ରାଜାରାଜୁଡ଼ା ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଚାର ବ୍ୟବସ୍ଥାରେ ହୋଇଥିବା ପରିବର୍ତ୍ତନ ଏଥିରେ ଦର୍ଶାଯାଇଛି।

(ଫଟୋ-ଅମରଦେବ, କଟକ)


















# ରବିବାର

THE SUNDAY SECTION OF SAMBAD




ପୃଷ୍ଠା ୫
ରାଜଧାନୀ ରାଜନୀତି



ପୃଷ୍ଠା ୬
ମହିଳାଟିଏ ଚିତ୍ରକୁ ଅବଳା ମନେ ନ କରୁ



# ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍





# ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍

**ଆମ ଦେଶ ତଥା ରାଜ୍ୟରେ ବିଭିନ୍ନ ପ୍ରକାର ମ୍ୟୁଜିୟମ୍ ରହିଛି। କିନ୍ତୁ ନିକଟରେ କଟକ ବାରବାଟୀ କିଲା ପରିସରରେ ଉଦ୍‌ଘାଟିତ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ଭଳି ସଂଗ୍ରହାଳୟ ଅନ୍ୟ କୋଉଠି ନାହିଁ। ବିଚାର ବିଭାଗର ଅନେକ ଦସ୍ତାବିଜ, ସ୍ମୃତି ଓ ସାମଗ୍ରୀ ଏଠାରେ ରଖାଯାଇଛି।**

**ପ୍ରସ୍ତୁତି: ଚୌଧୁରୀ ଅଶ୍ୱିନୀ କୁମାର ଦାସ**

ବର୍ତ୍ତମାନ ନ୍ୟାୟ ବ୍ୟବସ୍ଥାରେ ବହୁ ପରିବର୍ତ୍ତନ ଆସିଛି। ନ୍ୟାୟ ବିଚାର ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। ଭର୍ଚୁଆଲ୍ ବ୍ୟବସ୍ଥାରେ ଦୂରରେ ରହି ଜଣେ ଅଦାଲତରେ ହେଉଥିବା ମାମଲା ଶୁଣାଣିରେ ଅଂଶଗ୍ରହଣ କରିପାରୁଛି। ଅଦାଲତଙ୍କ ରାୟ ଡିଜିଟାଲ୍ ବ୍ୟବସ୍ଥାରେ ସଂରକ୍ଷିତ ରଖାଯାଉଛି। କିନ୍ତୁ ନ୍ୟାୟ ବ୍ୟବସ୍ଥାର ସୁଦୀର୍ଘ ଇତିହାସ ରହିଛି। ନ୍ୟାୟ ବ୍ୟବସ୍ଥା ବିଭିନ୍ନ ସମୟ ଦେଇ ଗତି କରି ଆଜି ଏଠି ପହଞ୍ଚିଛି। ଓଡ଼ିଶାର ନ୍ୟାୟିକ ଇତିହାସକୁ ସଂରକ୍ଷିତ କରି ରଖିବା ପାଇଁ ପ୍ରତିଷ୍ଠା କରାଯାଇଛି 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍' (ନ୍ୟାୟର ସଂଗ୍ରହାଳୟ)। ଐତିହାସିକ ବାରବାଟୀ କିଲା ପରିସରରେ ଥିବା ମୁଖ୍ୟ ବିଚାରପତିଙ୍କ ଆବାସିକ କୋଠାରେ ଏହି ସଂଗ୍ରହାଳୟ ନିର୍ମାଣ କରାଯାଇଛି। ଗତ ଫେବ୍ରୁଆରି ୨୫ରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ପ୍ରଫେସର ଲାଲ କହିଥିଲେ, 'ମୋ ପାଇଁ ଏହା ବିଶ୍ୱର ଅଷ୍ଟମ ଆଶ୍ଚର୍ଯ୍ୟ। ସମଗ୍ର ଦେଶର ଲୋକମାନେ ଏଭଳି ଏକ ମ୍ୟୁଜିୟମ୍ ଦେଖି ବିସ୍ମିତ ହେବେ।' ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍. ମୁରଲୀଧର ଓ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି ସଂଗ୍ରହାଳୟ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ବିଚାରପତି ମତ ଦେଇଥିଲେ ଯେ, ଏହି ସଂଗ୍ରହାଳୟରେ ବିଚାର ବିଭାଗର ଏଭଳି ଦସ୍ତାବିଜମାନେ ପ୍ରଦର୍ଶିତ ହେବ ଯାହା ଓଡ଼ିଶାର ନ୍ୟାୟ ବ୍ୟବସ୍ଥାର କ୍ରମାଗତ ପରିବର୍ତ୍ତନକୁ ପ୍ରତିଫଳିତ କରିବ। ଏହା ଶିକ୍ଷା ଓ ଗବେଷଣା ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଶହେ ବର୍ଷରୁ ଅଧିକ ପୁରୁଣା ଏହି କୋଠାରେ ୨୦୧୭ରେ ଓଡ଼ିଶା ହାଇକୋର୍ଟ ମ୍ୟୁଜିୟମ୍ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏକ ଆଧୁନିକ ମ୍ୟୁଜିୟମ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟର ନ୍ୟାୟିକ ଇତିହାସ ଓ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ପ୍ରଦର୍ଶନ କରିବା ଲାଗି ଏହି ନୂଆ ଆଧୁନିକ ମ୍ୟୁଜିୟମ୍ ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଦେଶର ବିଭିନ୍ନ ମ୍ୟୁଜିୟମ୍ ପରିଦର୍ଶନ ସହିତ ବିଦେଶର ବିଶେଷଜ୍ଞଙ୍କ ସହିତ ଆଲୋଚନା କରାଯାଇ ଏହି ଆଧୁନିକ ମ୍ୟୁଜିୟମ୍‌ରେ ସେହି ଅନୁଯାୟୀ ବ୍ୟବସ୍ଥା କରାଯାଇଛି। ଏଥିସହିତ ରାଜ୍ୟର ବ୍ରହ୍ମପୁର, ଆସ୍କା, ଭଦ୍ରକ, ବାଲେଶ୍ୱର, ବାରିପଦା, କେନ୍ଦୁଝର, ପୁରୀ, ଢେଙ୍କାନାଳ ଅଞ୍ଚଳରୁ ପ୍ରାଚୀନ ବସ୍ତୁ ଓ ରେକର୍ଡ ସଂଗ୍ରହାଳୟ ପାଇଁ ସଂଗ୍ରହ କରାଯାଇଛି। ମ୍ୟୁଜିୟମ୍ ନିର୍ମାଣ ପାଇଁ ଐତିହାସିକ, ସଂରକ୍ଷଣ ବିଶେଷଜ୍ଞ, ଓଡ଼ିଆ ଭାଷା ବିଶେଷଜ୍ଞ ଓ ଆଇନ ବିଶେଷଜ୍ଞଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା।

ଏହି କମିଟିର ପରାମର୍ଶରେ 'ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍'ରେ ଗୋଟିଏ ଥିମ୍ ପ୍ୟାଭିଲିୟନ୍, ସାତଟି ଗ୍ୟାଲେରି, ଲାଇବ୍ରେରି ଓ ସୋଭେନିୟର ସପ୍ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଥିମ୍ ପ୍ୟାଭିଲିୟନ୍‌ର ପ୍ରାରମ୍ଭିକ ଗ୍ୟାଲେରିରେ ହାଇକୋର୍ଟ ସଂପର୍କରେ ସବୁ ସୂଚନା ଓ ଡିଜିଟାଲ୍ ଟାଇମ୍ ଲାଇନ୍ ରହିଛି। ଆରମ୍ଭ ଦିନଠାରୁ ହାଇକୋର୍ଟର ଫଟୋ ଓ ଗ୍ରାଫିକ୍ ମଡେଲ୍ ରଖାଯାଇଛି। ଗ୍ୟାଲେରି ଗୁଡ଼ିକରେ ଓଡ଼ିଶାରେ ବିଚାର ବ୍ୟବସ୍ଥାର ବିବର୍ତ୍ତନ ଉପଲବ୍ଧି କରିହେବ। ୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଦିନର ଫଟୋ ଏଠାରେ ରହିଛି।



ବିଚାରପତି ବସୁଥିବା ଉଚ୍ଚ ସ୍ଥାନ ଓ ଚେୟାର

ସଂଗ୍ରହାଳୟର ଏକ ନମ୍ବର ଗ୍ୟାଲେରିରେ ଓଡ଼ିଶାରେ ନ୍ୟାୟ ବ୍ୟବସ୍ଥାର କ୍ରମବିକାଶ ସଂପର୍କରେ ବହୁ ତଥ୍ୟ ସଂରକ୍ଷିତ ହୋଇ ରହିଛି। ଦୁଇ ନମ୍ବର ଗ୍ୟାଲେରିରେ ସ୍ୱାଧୀନତା ସଂଗ୍ରାମ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ୧୮୦୪ରୁ ୧୯୪୭ ମଧ୍ୟର ବିଭିନ୍ନ ଘଟଣା ବିଷୟରେ ଏଠାରେ ତଥ୍ୟ ପ୍ରଦର୍ଶନ କରାଯାଇଛି। ସ୍ୱାଧୀନତା ସଂଗ୍ରାମୀମାନଙ୍କ ମାମଲାର ଟ୍ରାଏଲ୍ ଓ ଦଣ୍ଡାଦେଶ ସଂପର୍କିତ ଅଦାଲତର ରାୟ ଏଠାରେ ଦେଖିବାକୁ ମିଳିବ। ତିନି ନମ୍ବର ଗ୍ୟାଲେରିରେ ଆଦିବାସୀଙ୍କ ନ୍ୟାୟ ବ୍ୟବସ୍ଥା ସଂପର୍କରେ ତଥ୍ୟ ରହିଛି। ଆଦିବାସୀଙ୍କ ପ୍ରଥା ଅନୁମୋଦିତ ଆଇନ ବିଷୟରେ ଜାଣିହେବ। ଚାରି ନମ୍ବର ଗ୍ୟାଲେରିରେ ୧୮୦୮ରୁ ଆରମ୍ଭ କରି ୨୦୧୩ ପର୍ଯ୍ୟନ୍ତ ସମୟରେ ଅଦାଲତଙ୍କ ରାୟ ଓ ପ୍ରକାଶିତ ଖବରର ତଥ୍ୟ ରହିଛି। ପାଞ୍ଚ ନମ୍ବର ଗ୍ୟାଲେରିରେ ପୁରୁଣା ସମୟରେ କୋର୍ଟରେ ଆଇନଜୀବୀ ଓ ବିଚାରପତି ପରିଧାନ କରୁଥିବା ପୋଷାକ, ଆସବାବପତ୍ର, ଷ୍ଟାମ୍ପ, ସିଲ୍ ଇତ୍ୟାଦି ରହିଛି। ଛଅ ନମ୍ବର ଗ୍ୟାଲେରିରେ ଓଡ଼ିଶାରେ ଆଇନ ଶିକ୍ଷାର ଇତିହାସ ସଂକ୍ରାନ୍ତରେ ତଥ୍ୟ ରହିଛି। ଏଥିସହିତ ରାଜ୍ୟର ପ୍ରମୁଖ ଆଇନଜୀବୀଙ୍କ ତଥ୍ୟ ରହିଛି। ବାରିପଦା ଓ ଆସ୍କାର ଐତିହାସିକ କୋର୍ଟ କୋଠରି ଆଧାରରେ ମକ୍ କୋର୍ଟ ରୁମ୍ ସାତ ନମ୍ବର ଗ୍ୟାଲେରିରେ ରହିଛି। ଏହି ଆଧୁନିକ ସଂଗ୍ରହାଳୟରେ ରହିଛି ଲାଇବ୍ରେରି, ସୋଭେନିୟର ସପ୍ ଏବଂ ଅଡିଓ ଭିଜୁଆଲ୍ କୋର୍ଟ ରୁମ୍।

**ପୁରୁଣା ମାମଲାର ରାୟ**

ଦୁଇ ଶହ ବର୍ଷରୁ ଅଧିକ ପୁରୁଣା ମାମଲାର ରାୟ ଏହି ସଂଗ୍ରହାଳୟରେ ରହିଛି। ୧୮୧୩ ମସିହାର ରାଜା ହରିହର ଭଞ୍ଜ ବନାମ ରାଜା ଜଗନ୍ନାଥ ଭଞ୍ଜଙ୍କ ମଧ୍ୟରେ ହୋଇଥିବା ମୋକଦ୍ଦମାରେ ପ୍ରକାଶିତ ୧୮୧୫, ଡିସେମ୍ବର ୨ ତାରିଖର ରାୟର କପି ଏଠାରେ ରହିଛି। ୧୮ ଶହ ଶତାବ୍ଦୀର ଆଉ କେତେକ ମାମଲାର ରାୟ ଏହି ସଂଗ୍ରହାଳୟରେ ଦେଖିବାକୁ ମିଳିବ। ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ରିଟିଶ୍ ଶାସନ କାଳରେ ବିଭିନ୍ନ ଅଦାଲତ ପ୍ରଦାନ କରିଥିବା ରାୟର କପି ମଧ୍ୟ ଏଠାରେ ଉପଲବ୍ଧ। ସଂଗ୍ରାମୀ ଧରଣୀଧର ନାୟକ, ବୀର ସୁରେନ୍ଦ୍ର ସାଏ ଓ ଅନ୍ୟ ବହୁ ସଂଗ୍ରାମୀଙ୍କ ମାମଲାର ରାୟ




ଆଇନଜୀବୀ ଓ ଅଦାଲତ କର୍ମଚାରୀ ପିନ୍ଧୁଥିବା ପୋଷାକ ଏବଂ ପୁରୁଣା ଟାଇପ୍‌ରାଇଟର

ତୁମେ ଯଦି କୌଣସି କଥାକୁ ସହଜରେ ବୁଝାଇ ପାରୁନାହିଁ, ତା' ଅର୍ଥ ତୁମେ ନିଜେ ତାକୁ ଭଲ ଭାବେ ବୁଝିନାହିଁ। - ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍

ଏଠାରେ ଦେଖିବାକୁ ମିଳିବ। ଗଙ୍ଗାମଠର ମହନ୍ତଙ୍କୁ ଜୟୀ ରାଜଗୁରୁ ଗୋପନୀୟ ଭାବେ ପଠାଇଥିବା ଚିଠାଉର ନକଲ ବି ଏଠି ରହିଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଅନ୍ୟ ଐତିହାସିକ ବ୍ୟକ୍ତିତ୍ୱଙ୍କ ସଂକ୍ରାନ୍ତରେ ବହୁ ତଥ୍ୟ ସଂଗ୍ରହାଳୟରେ ରଖାଯାଇଛି।

**ସର୍କିଟ୍ ବେଞ୍ଚ ଓ ଓଡ଼ିଶା ହାଇକୋର୍ଟର ପ୍ରଥମ ରାୟ**

୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ପୂର୍ବରୁ ଓଡ଼ିଶା ପ୍ରଦେଶ କଲିକତା ହାଇକୋର୍ଟ ପରିସରରେ ୧୮୬୨ରୁ ୧୯୧୨ ପର୍ଯ୍ୟନ୍ତ ଥିଲା। ଏହାପରେ ୧୯୧୨ରୁ ୧୯୪୮ ପର୍ଯ୍ୟନ୍ତ ପାଟନା ହାଇକୋର୍ଟ ପରିସରରେ ଏହା ରହିଥିଲା। ଓଡ଼ିଶାର ଦକ୍ଷିଣାଞ୍ଚଳ ମାଡ୍ରାସ ହାଇକୋର୍ଟ କାର୍ଯ୍ୟ ପରିସରରେ ଥିଲା। ତେଣୁ ଓଡ଼ିଶା ହାଇକୋର୍ଟର ପୁରୁଣା ରେକର୍ଡ ମଧ୍ୟରେ କଲିକତା, ପାଟନା ଓ ମାଡ୍ରାସ ହାଇକୋର୍ଟର ରେକର୍ଡ ଅନ୍ତର୍ଭୁକ୍ତ। ପାଟନା ହାଇକୋର୍ଟ ସର୍କିଟ୍ ବେଞ୍ଚ ୧୯୧୬ ମସିହା ମେ ମାସ ୧୮ ତାରିଖରେ କଟକଠାରେ ବସିଥିଲା। ସର୍କିଟ୍ କୋର୍ଟର ପ୍ରଥମ ରାୟର କପି ଏଠାରେ ରହିଛି। ସେହିଭଳି ଭାବେ ୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେବା ପରେ ସେହିବର୍ଷ ଜୁଲାଇ ୨୬ରେ ପ୍ରକାଶିତ ରାୟର କପି ମଧ୍ୟ ରହିଛି। ସ୍ୱାଧୀନତା ପୂର୍ବରୁ ଓଡ଼ିଆ, ବଙ୍ଗଳା ଓ ଅନ୍ୟ ଭାଷାରେ ପ୍ରକାଶିତ ଅଦାଲତଙ୍କ ରାୟ ଏଠାରେ ଦେଖିବାକୁ ମିଳିବ।



ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍ ଉଦ୍‌ଘାଟନ କରୁଛନ୍ତି ରାଜ୍ୟପାଳ, ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତି ବୃନ୍ଦ


ପୁରୁଣା ଗାଭେଲ୍

**ମୟୂରଭଞ୍ଜ ରାଜ୍ୟର ଜୁଡିସିଆଲ୍ ଷ୍ଟାମ୍ପ୍**

ସଂଗ୍ରହାଳୟରେ ସ୍ୱାଧୀନତା ପୂର୍ବରୁ ଥିବା ମୟୂରଭଞ୍ଜ ରାଜ୍ୟର ଜୁଡିସିଆଲ୍ ଷ୍ଟାମ୍ପ୍ ପେପର ରହିଛି। ମୟୂରଭଞ୍ଜ ରାଜାଙ୍କ ଫଟୋ ଥିବା ଏକ ଅଣାର ଷ୍ଟାମ୍ପ୍ ମଧ୍ୟ ରହିଛି। ନେତାଜୀ, ମଧୁ ବାବୁ, ସହିଦ ଲକ୍ଷ୍ମଣ ନାୟକ, ଗଜପତି କୃଷ୍ଣଚନ୍ଦ୍ର ଦେବ, ବୀର ସୁରେନ୍ଦ୍ର ସାଏ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋ ଥିବା ପୋଷ୍ଟାଲ୍ ଷ୍ଟାମ୍ପ୍ ଏହି ସଂଗ୍ରହାଳୟରେ ପ୍ରଦର୍ଶନ କରାଯାଇଛି।

**ପୁରୁଣା ଟାଇପ୍‌ରାଇଟର ଓ କାଲ୍‌କୁଲେଟର**

ପୂର୍ବରୁ ଅଦାଲତରେ ବ୍ୟବହୃତ ଟାଇପ୍‌ରାଇଟର ଓ କାଲ୍‌କୁଲେଟର ଏଠାରେ ପ୍ରଦର୍ଶନ କରାଯାଇଛି। ସ୍ୱାଧୀନତା ପୂର୍ବରୁ ଅଦାଲତରେ ବ୍ୟବହୃତ ପିତଳ ଓ ଅନ୍ୟାନ୍ୟ ଧାତୁ ନିର୍ମିତ ଷ୍ଟାମ୍ପ୍, ପେପରୱେଟ୍, କୋଲପ, ଘଣ୍ଟା ଇତ୍ୟାଦି ମଧ୍ୟ ଏଠାରେ ରହିଛି। ପୁରୁଣା ସମୟରେ ଅଦାଲତରେ ବିଚାରପତିମାନେ ପରିଧାନ କରୁଥିବା ପୋଷାକ ଓ ମୁଣ୍ଡରେ ପିନ୍ଧୁଥିବା ୱିଗ୍ ବି ରହିଛି। ଆଇନଜୀବୀ ଓ ଅଦାଲତର କର୍ମଚାରୀ ପିନ୍ଧୁଥିବା ପୋଷାକକୁ ସଂଗ୍ରହାଳୟରେ ରଖାଯାଇଛି।

**ମାମଲା ଶୁଣାଣି ଓ ଫାଶୀଦଣ୍ଡ**

ଅଦାଲତରେ କେମିତି ମାମଲା ପରିଚାଳନା ହେଉଥିଲା ତାହା ଏହି ସଂଗ୍ରହାଳୟରେ ପ୍ରଦର୍ଶନ କରାଯାଇଛି। ଅଭିଯୁକ୍ତ କେମିତି କାଠଗଡ଼ାରେ ଠିଆ ହେଉଥିଲେ, ବିଚାରପତି କେମିତି ଉଚ୍ଚ ଆସନରେ ବସି ବିଚାର କରୁଥିଲେ, ଓକିଲ କେମିତି ଜବାବ-ସୁଆଲ କରୁଥିଲେ, କେମିତି ଫାଶୀଦଣ୍ଡ ଦିଆଯାଉଥିଲା ତାହା ସବୁ ଏଠାରେ ଦେଖିହେବ। ଆଗ କାଳରେ ଅଦାଲତରେ ବ୍ୟବହୃତ ଚେୟାର, ଟେବୁଲ, ସୋଫା ଓ ଅନ୍ୟାନ୍ୟ ଆସବାବପତ୍ର ମଧ୍ୟ ସଂଗ୍ରହାଳୟରେ ରହିଛି।


ଜୟୀ ରାଜଗୁରୁଙ୍କ ଚିଠି

**ପୁରୁଣା ଆଇନ ବହି ଓ ଟ୍ରେଜେରି**

ସଂଗ୍ରହାଳୟରେ ସ୍ଥାନ ପାଇଛି ବହୁ ପୁରାତନ ଆଇନ ବହି ଓ ଜର୍ଣ୍ଣାଲ୍। ୧୮୬୯-୭୦ର ବେଙ୍ଗଲ ଲ' ରିପୋର୍ଟ୍‌ସ ରହିଛି। ସେହିଭଳି ବ୍ରିଟିଶ୍ ଅମଳର ଶତାଧିକ ବର୍ଷ ପୁରୁଣା ଅନ୍ୟ ଲ' ରିପୋର୍ଟଗୁଡ଼ିକ ମଧ୍ୟ ଏଠାରେ ଦେଖିବାକୁ ମିଳିବ। ସଂଗ୍ରହାଳୟ ପରିସରରେ ରହିଛି ଗୋଟିଏ ପୁରୁଣା ଲୁହା ଟ୍ରେଜେରି। ୧୯୧୩ରେ ମାଡ୍ରାସରେ ଏହା ନିର୍ମାଣ କରାଯାଇଥିଲା ବୋଲି ଟ୍ରେଜେରିରେ ରହିଥିବା ଲେଖାରୁ ସ୍ପଷ୍ଟ ଜଣାପଡୁଛି।

**ଅଦାଲତର ପଙ୍ଖା**

ମକ୍ କୋର୍ଟ ରୁମ୍‌ରେ ପୁରୁଣା ଦିନରେ କେମିତି ଅଦାଲତ ବସୁଥିଲା ଦେଖିହେବ। ସେତେବେଳେ ଛାତରେ ଲାଗିଥିବା ହାତପଙ୍ଖା, କାନ୍ଥରେ ଲାଗୁଥିବା ଘଣ୍ଟା, ବିଚାରପତି ବସୁଥିବା ଉଚ୍ଚ ସ୍ଥାନ ଓ ଚେୟାର ସହିତ ଆଇନଜୀବୀ ଓ ମହକିଲ ବସୁଥିବା ଚେୟାର, ବ୍ୟବହାର କରୁଥିବା ଟେବୁଲ ଏଠାରେ ରହିଛି।

**ଦେଶର ବିଭିନ୍ନ ମ୍ୟୁଜିୟମ୍ ଅନୁଧ୍ୟାନ**

ମୁଜିୟମ୍ ଅଫ୍ ଜଷ୍ଟିସ୍ ପ୍ରତିଷ୍ଠା ପାଇଁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍. ମୁରଲୀଧରଙ୍କ ପରିକଳ୍ପନା କରିଥିଲେ। ଓଡ଼ିଶାର ଐତିହ୍ୟ ସୁରକ୍ଷା ପାଇଁ ମୁଖ୍ୟ ବିଚାରପତି ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଚିଠିର ଉତ୍ତରରେ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ମୁଜିୟମ୍ ଅଫ୍ ଜଷ୍ଟିସ୍ ପ୍ରତିଷ୍ଠା ପୂର୍ବରୁ ହାଇକୋର୍ଟ ମୁଖ୍ୟ ବିଚାରପତି, ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଓ ମ୍ୟୁଜିୟମ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ଦାସ ମହାପାତ୍ର କଲିକତାସ୍ଥିତ ଇଣ୍ଡିଆନ୍ ମ୍ୟୁଜିୟମ୍, ଭିକ୍ଟୋରିଆ ମେମୋରିଆଲ୍ ଓ ପୁଲିସ ମ୍ୟୁଜିୟମ୍, ବିହାର ଓ ପାଟନା ମ୍ୟୁଜିୟମ୍, ଚେନ୍ନାଇସ୍ଥିତ ସରକାରୀ ମ୍ୟୁଜିୟମ୍ ପରିଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ ଜଷ୍ଟିସ୍ ମିଶ୍ର ଓ ଡକ୍ଟର ଦାସ ମହାପାତ୍ର ଦେଶର ଆଉ କେତେକ ମ୍ୟୁଜିୟମ୍ ପରିଦର୍ଶନ କରିଥିଲେ। ତାପରେ ଲଣ୍ଡନ୍‌ସ୍ଥିତ ବ୍ରିଟିଶ୍ ଲାଇବ୍ରେରିର ବିଶେଷଜ୍ଞଙ୍କ ସହିତ ଏକ ଭିଡିଓ ମିଟିଂ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଦେଶର ପ୍ରଥମ ମ୍ୟୁଜିୟମ୍



